# ଉର୍ଦ୍ଧ୍ୱମୂଖୀ କ୍ରାନ୍ତି

## ଗୁଗି ଓ୍ୱା ଟିଓଙ୍ଗୋ

ଓଡିଆ ଅନୁବାଦ: ସତ୍ୟ ପଟ୍ଟନାୟକ

ଅନ୍ୟ ଚତୁଷ୍ପଦ ପ୍ରାଣୀମାନଙ୍କ ପରି ଅନେକ ଦିନ ତଳେ ମଣିଷ ମଧ୍ୟ ଗୋଡ ଓ ହାତ ଦ୍ୱାରା ଚାଲୁଥିଲା । ମଣିଷର ବେଗ ଠେକୁଆ, ଚିତା ଓ ଗଣ୍ଡା ଅପେକ୍ଷା ଅଧିକ ଥିଲା । ଦେହର ଅନ୍ୟ ଅବୟବଙ୍କ ଅପେକ୍ଷା ଗୋଡ ଓ ହାତ ମଧ୍ୟରେ ଅଧିକ ସାମଞ୍ଜସ୍ୟ ଥିଲା । ସେମାନଙ୍କର ଏକା ପ୍ରକାରର ଗଣ୍ଠି ଥିଲା: କାନ୍ଧ ଓ ନିତମ୍ବ, କହୁଣୀ ଓ ଆଣ୍ଠୁ, ମଣିବନ୍ଧ ଓ ଘୁଟିକା, ହାତ ଓ ପାଦ, ପ୍ରତ୍ୟେକରେ ପାଞ୍ଚଟି ଆଙ୍ଗୁଠି ଏବଂ ପ୍ରତି ଆଙ୍ଗୁଠିରେ ନଖ । ବୁଢା ଆଙ୍ଗୁଠିରୁ କାଣି ଆଙ୍ଗୁଠି ପର୍ଯ୍ୟନ୍ତ ହାତ ଓ ପାଦଙ୍କ ଆଙ୍ଗୁଠି କ୍ରମରେ ମଧ୍ୟ ସମାନତା ଥିଲା। ସେଇ ସମୟରେ, ଗୋଡ ଓ ହାତରେ, ବୁଢା ଆଙ୍ଗୁଠି ମଧ୍ୟ ଦେଖିବାକୁ ଅନ୍ୟ ଆଙ୍ଗୁଠି ମାନଙ୍କ ପରି ଥିଲା । ଗୋଡ ଓ ହାତଙ୍କୁ, ଦାଦା ପୁଅ ଭାଇ ଓ ବଡବାପା ପୁଅ ଭାଇ ବୋଲି କୁହାଯାଉଥିଲା ।

ଶରୀରକୁ ତା ଇଚ୍ଛା ଅନୁସାରେ ବିଭିନ୍ନ ଯାଗାକୁ ନେବା ଆଣିବାରେ ଏ ଦୁହେଁ ପରସ୍ପରକୁ ସାହାଯ୍ୟ କରୁଥିଲେ – ବଜାର, ଦୋକାନ, ତଳ, ଉପର, ଗଛ, ପାହାଡ ଇତ୍ୟାଦି, ଯେଉଁଠିକି ଯିବାପାଇଁ ଚାଲିବା ଦରକାର ହେଉଥିଲା । ଶରୀରକୁ ପାଣିରେ ଭାସିବା ପାଇଁ, ପହଁରିବା ପାଇଁ ଓ କୁଦିବା ପାଇଁ ମଧ୍ୟ ସେମାନେ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ରଖି ସାହାଯ୍ୟ କରୁଥିଲେ । ସମ୍ପର୍କକୁ ନେଇ ସେମାନେ ଲୋକତାନ୍ତ୍ରିକ ତଥା ନିଷ୍ପକ୍ଷ ନୀତି ଅବଲମ୍ବନ କରୁଥିଲେ । ସେମାନେ ମଧ୍ୟ ଅନ୍ୟ ଅବୟବମାନଙ୍କଠାରୁ ସେମାନଙ୍କର ବିଶେଷ ଗୁଣ ବେଳେବେଳେ ବ୍ୟବହାର କରୁଥିଲେ, ଯେମିତି ପାଟି ନିକଟରୁ ଶବ୍ଦ, କାନ ନିକଟରୁ ଶ୍ରବଣ, ନାକ ନିକଟରୁ ଆଘ୍ରାଣ, ଏବଂ ଆଖି ନିକଟରୁ ଦୃଷ୍ଟି ।

ସେମାନଙ୍କର ଲୟବଦ୍ଧ ଓ ସୁସଙ୍ଗତ ସମନ୍ୱୟ ଅନ୍ୟ ଅବୟବମାନଙ୍କର ଅସହିଷ୍ଣୁତାର କାରଣ ହେବାକୁ ଲାଗିଲା । ଏହି ଦୁଇ ଭାଇଙ୍କୁ ସେମାନେ ସେମାନଙ୍କର ବିଶେଷ ନିପୁଣତା ଦେବାପାଇଁ କୁଣ୍ଠାବୋଧ କରିବାକୁ ଲାଗିଲେ । ଈର୍ଷାପୂର୍ବକ ସେମାନେ ଭୁଲିଯାଉଥିଲେ ଯେ ହାତ ଓ ଗୋଡଙ୍କ ସହାୟତାରେ ସେମାନେ ସବୁ ଯାଗା ଯାଇ ପାରୁଛନ୍ତି । ସେମାନେ ଏଇ ଦୁଇ ଜଣଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରିବାକୁ ଆରମ୍ଭ କଲେ ।

ଜିଭ ମସ୍ତିସ୍କ ନିକଟରୁ ଗୋଟିଏ ଯୋଜନା ଆଣିଲା ଓ ତାକୁ ତତ୍କାଳ କାର୍ଯ୍ୟରେ ପରିଣତ କରିବାକୁ ଲାଗିଲା । ସେ ହାତ ଓ ଗୋଡଙ୍କ ତୁଳନାତ୍ମକ ଶକ୍ତିକୁ ନେଇ ତାର ସନ୍ଦେହ ଖୋଲାଖୋଲିଭାବେ ବ୍ୟକ୍ତ କଲା । ଦୁଇ ଭାଇ, ହାତ ଓ ଗୋଡ, ଯେଉଁମାନେ ପୂର୍ବରୁ କେବେ ପରସ୍ପରର କାର୍ଯ୍ୟ ଓ ଦକ୍ଷତାକୁ ନେଇ କେବେ କିଛି ଚିନ୍ତା କରୁନଥିଲେ, ଏବେ ପାଟି ନିକଟରୁ ଶବ୍ଦ ଆଣି ଶରୀର ପ୍ରତି ଅନ୍ୟ ତୁଳନାରେ ନିଜନିଜର ଆବଶ୍ୟକତା ସପକ୍ଷରେ ପ୍ରମାଣ ଦେବାକୁ ଲାଗିଲେ । ବହୁତ ଜଲ୍‌ଦି ଦୁହିଁଙ୍କ ମଧ୍ୟରେ କିଏ ସୁନ୍ଦର ବୋଲି ପ୍ରଶ୍ନ ଉଠିବାକୁ ଲାଗିଲା; ହାତ ନିଜର ଲମ୍ବା ତଥା ପତଳା ଆଙ୍ଗୁଠି ସପକ୍ଷରେ ଯୁକ୍ତି ବାଢିଲା, ଏବଂ ଉପହାସପୂର୍ଣ୍ଣ ସ୍ୱରରେ ଗୋଡ ଆଙ୍ଗୁଠିର କ୍ଷୁଦ୍ରତା ଓ ପୃଥୁଳତାକୁ ନେଇ ଟିପ୍ପଣୀ ଦେଲା । ପଛରେ ରହିଯିବାର ଭୟରେ, ଗୋଡ ଆଙ୍ଗୁଠି ମଧ୍ୟ ଉପହାସଭରା ସ୍ୱର ପ୍ରୟୋଗକଲା ଓ ହାତ ଆଙ୍ଗୁଠିକୁ ତାର "ଭୋକିଲା ଭାଇ" ବୋଲି କହିଲା । କିଛି ଦିନ ଧରି ଏମିତି ଆରୋପ

ପ୍ରତ୍ୟାରୋପ ଚାଲିଲା, ଅନେକ ସମୟରେ ତାହା ଦୁହିଁଙ୍କର କାର୍ଯ୍ୟ କରିବାର ମିଳିତ ଦକ୍ଷତା ଉପରେ ପ୍ରତିକୂଳ ପ୍ରଭାବ ପକେଇଲା । ପରିଶେଷରେ ସତ୍ତାକୁ ନେଇ ପ୍ରଶ୍ନ ଉଠିଲା; ମଧ୍ୟସ୍ଥତା ପାଇଁ ସେମାନେ ଅନ୍ୟ ଅବୟବମାନଙ୍କର ସାହାଯ୍ୟ ଲୋଡିଲେ ।

ହାତ ଓ ଗୋଡ ଭିତରେ ଗୋଟିଏ ପ୍ରତିଯୋଗିତା କରିବା ପାଇଁ ଜିଭ ପ୍ରସ୍ତାବ ଦେଲା । ବହୁତ ବଢିଆ ପ୍ରସ୍ତାବ କହି ସମସ୍ତେ ରାଜିହେଲେ । କିନ୍ତୁ କେଉଁ ପ୍ରତିଯୋଗିତା କରାଯିବ? ତାଙ୍କ ଭିତରୁ କେହି କୁସ୍ତି ପ୍ରତିଯୋଗିତା କରିବାପାଇଁ କହିଲେ । ଅନ୍ୟମାନେ ଅନ୍ୟ ପ୍ରତିଯୋଗିତା କଥା ଉଠେଇଲେ – ଖଣ୍ଡା ଖେଳ, ଜାଦୁ, ଦୌଡ, ଚେସ୍ ଇତ୍ୟାଦି, କିନ୍ତୁ ପ୍ରତ୍ୟେକ ଖେଳକୁ ନାକଚ କରିଦିଆଗଲା, ଯେହେତୁ କେଉଁ ଖେଳକୁ ପୂରା କରିବା ସମ୍ଭବ ନଥିଲା ତ ଆଉ କେଉଁ ଖେଳ ଦୁଇ ପ୍ରତିଯୋଗିଙ୍କ ମଧ୍ୟରୁ କାହା ପାଇଁ ନିଷ୍ପକ୍ଷ ନହେବାର ସମ୍ଭାବନା ଥିଲା । ଜିଭ ପୁଣି ଥରେ ମସ୍ତିସ୍କ ସହିତ ପରାମର୍ଶ କରି ସରଳ ଉପାୟ ବାହାରକଲା । ଏହି ଉପାୟ ଅନୁସାରେ ପ୍ରତି ଅବୟବ ଅନ୍ୟକୁ ଥର ଥର କରି ଅଲଗା ଅଲଗା ଚ୍ୟାଲେଞ୍ଜ୍ ଦେବେ । ହାତ ଓ ଗୋଡ ଉଭୟେ ରାଜିହେଲେ ।

ନଦୀ କୂଳରେ, ଜଙ୍ଗଲର ଏକ ଖୋଲା ଯାଗାରେ ପ୍ରତିଯୋଗିତା ଆୟୋଜନ କରାଗଲା । ଯେହେତୁ ଶରୀରର ଦୁଇ ଅବୟବ ଆଭ୍ୟନ୍ତରୀଣ କଳହରେ ଜଡିତ ଥିଲେ, ଶରୀର ପ୍ରତି ବିପଦ ଅଥବା କୌଣସି ଅପ୍ରତ୍ୟାଶିତ ଘଟଣାର ଆଶଙ୍କାରେ ଅନ୍ୟାନ୍ୟ ଅବୟବମାନେ ଅତ୍ୟଧିକ ସାବଧାନ ଥିଲେ । ଯେ କୌଣସି ଦୂରତାରୁ ଯେତେ ଛୋଟ ବିପଦ ହେଉ ନା କାହିଁକି, ଦେଖିବା ପାଇଁ, ଆଖି ତାର ଚାରିପାଖରେ ଅନେକ ଦୂର ପର୍ଯ୍ୟନ୍ତ ସତର୍କ ଦୃଷ୍ଟି ପକେଇ ରଖିଲା; ଯେ କୌଣସି ଦୂରତାରୁ ଯେତେ ହାଲ୍କା ଶବ୍ଦ ହେଉ ନା କାହିଁକି, ଶୁଣିବା ପାଇଁ, କାନ ପ୍ରସ୍ତୁତ ହୋଇ ରହିଲା; ସତର୍କ ଆଖି ଓ କାନଙ୍କ ନିକଟରୁ ଯଦି କୌଣସି ବିପଦ ଖସିଯାଏ, ତାକୁ ଗନ୍ଧ ମାଧ୍ୟମରେ ଧରିବା ପାଇଁ ନାକ ତାର ନାସାରନ୍ଧ୍ରକୁ ସଫା ରଖିଲା; ଏବଂ ଜିଭ "ବିପଦ ବିପଦ" ଚିତ୍କାର କରିବାପାଇଁ ମଧ୍ୟ ନିଜକୁ ପ୍ରସ୍ତୁତ ରଖିଲା ।

ପ୍ରତିଯୋଗିତା ସମ୍ବନ୍ଧରେ ସମସ୍ତ ଖବର ବାୟୁ ଦ୍ୱାରା ଜଙ୍ଗଲର ଚାରି କୋଣ, ପାଣି, ପବନ ସବୁଆଡେ ଖେଳିଗଲା । ପ୍ରଥମେ ଚତୁଷ୍ପଦ ପ୍ରାଣୀମାନେ ପ୍ରତିଯୋଗିତା ଜାଗାରେ ପହଁଚିଲେ, ଶାନ୍ତିର ପ୍ରତୀକ ସ୍ୱରୂପ ସେମାନଙ୍କ ମଧ୍ୟରୁ ଅନେକଙ୍କ ହାତରେ ସବୁଜ ଡାଳ ଥିଲା । ମହାବଳ, ଚୀତା, ସିଂହ, ଗଣ୍ଡା, ହାତୀ, ଜିରାଫ, ଓଟ, ଗୟଳ, ମଇଁଷି, ହରିଣ, ଖୁରଙ୍ଗ, ଠେକୁଆ, ଚୁଚୁନ୍ଦ୍ରା ଓ ମୂଷାଙ୍କର ଗହଳି ଖୁବ ରଙ୍ଗୀନ ଲାଗୁଥିଲା । ଜଳଜନ୍ତୁ ମାନଙ୍କ ମଧ୍ୟରେ ଜଳହସ୍ତୀ, ମାଛ, କୁମ୍ଭୀର ସେମାନଙ୍କର ଅଗ୍ରଭାଗକୁ ଭୂଇଁରେ ଓ ପଛଭାଗକୁ ପାଣିରେ ରଖି ପ୍ରତିଯୋଗିତା ଦେଖିବାପାଇଁ ପ୍ରସ୍ତୁତ ରହିଲେ । ଦୁଇଗୋଡିଆ ଓଟପକ୍ଷୀ, ବଣ କୁକୁଡା, ମୟୂର ଖୁସିରେ ନିଜନିଜର ଡେଣା ଫଡଫଡେଇଲେ, ଛୋଟ ପକ୍ଷୀମାନେ ଗଛ ଉପରେ ବସି ଗାଇଲେ, ଝିଣ୍ଟିକା ଅବିରତ ଗାଇ ଚାଲିଲା । ବୁଢିଆଣୀ, ଛୋଟ ଛୋଟ ପୋକ, ବିଛା ତଳେ କିମ୍ବା ଗଛରେ ଘୁସୁରି ଘୁସୁରି ଚାଲିଲେ । ଚମ୍ପେଇନେଉଳ ଧିରେଧିରେ ଛପିଛପି ଚାଲିଲାବେଳେ ଏଣ୍ଡୁଅ ଗୋଟିଏ ଯାଗାରେ ସ୍ଥିର ନରହି ଏପଟ ସେପଟ ହେଉଥିଲା । ମାଙ୍କଡ, ଗରିଲା ଓ ସିମ୍ପାଞ୍ଜି ଡାଳରୁ ଡାଳକୁ ଡେଇଁ ବୁଲୁଥିଲେ । ଏପରିକି ବୃକ୍ଷମାନେ ମଧ୍ୟ ଗୋଟିଏ ପାଖରୁ ଆର ପାଖକୁ ଧିରେ ଧିରେ ଝୁଲୁଥିଲେ, ମୁଣ୍ଡ ନୋଉଁଥିଲେ ଓ ପୁଣି ଉଠି ଛିଡା ହେଉଥିଲେ ।

ଗୋଟିଏ ଗୀତ ଗାଇ, ପାଟି ପ୍ରତିଯୋଗିତା ଆରମ୍ଭ କଲା ।
ଆମେ ଏହା କରୁଛେ ଖୁସି ପାଇଁ
ଆମେ ଏହା କରୁଛେ ଖୁସି ପାଇଁ
ଆମେ ଏହା କରୁଛେ ଖୁସି ପାଇଁ
ଯେହେତୁ ଆମେ ସମସ୍ତେ
ଆସିଛେ ଗୋଟିଏ ପ୍ରକୃତିରୁ ।

କ୍ରୋଧ, ଅସହଯୋଗର ଧମକ, ଧର୍ମଘଟ ଓ ଧୀର ଉତ୍ପାଦନ ବିନା, ପ୍ରତିଯୋଗିତାର ଫଳାଫଳକୁ ଉଦାରତାର ସହିତ ଗ୍ରହଣକରିବେ ବୋଲି ହାତ ଓ ଗୋଡ ଶପଥନେଲେ ।

ହାତ ପ୍ରଥମ ଚ୍ୟାଲେଞ୍ଜ୍ ଦେଲା: ସେ ଖଣ୍ଡିଏ କାଠ ଭୂଇଁରେ ଫିଙ୍ଗିଲା । ବାଁ ଗୋଡକୁ ହେଉ କିମ୍ବା ଡାହାଣ ଗୋଡକୁ ହେଉ ଅଥବା ସମ୍ମିଳିତ ଭାବେ, କାଠ ଖଣ୍ଡକୁ ଭୂଇଁରୁ ଉଠାଇ ଆଗକୁ ଫିଙ୍ଗିବାକୁ ହେବ । ସଫଳତା ପାଇବା ପାଇଁ, ଦୁଇ ଗୋଡ ପ୍ରତିଯୋଗିତା ମଧ୍ୟରେ ଯେ କୌଣସି ସମୟରେ ପରସ୍ପର ସହିତ ବିଚାର ବିମର୍ଶ କରିପାରିବେ ଏବଂ ତାଙ୍କର ଆଙ୍ଗୁଠିସବୁକୁ ଅଲଗା ଭାବରେ ଅଥବା ମିଳିତ ଭାବରେ ବ୍ୟବହାର କରିପାରିବେ ବୋଲି କୁହାଗଲା । ଗୋଡମାନେ ମିଳି ମିଶି କାଠଖଣ୍ଡିକୁ ଉଠେଇବାକୁ ଚେଷ୍ଟା କଲେ, ଠେଲିଲେ, । ସମସ୍ତ ଚେଷ୍ଟା ସତ୍ତ୍ୱେ ବି ସେମାନେ ଠିକ୍‌ଭାବରେ କାଠକୁ ଧରିପାରିଲେନି, କେବଳ ପାଦରେ ଗୋଇଠାମାରି କେଇ ଇଞ୍ଚ ଘୁଞ୍ଚେଇପାରିଲେ ଯାହା। ଏହା ଦେଖି ହାତ ଆଙ୍ଗୁଠିମାନେ ପାଟିରୁ ଶବ୍ଦ ଉଧାର ଆଣି ହସିବାକୁ ଲାଗିଲେ । ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଚାଲିଲାପରି, ଚ୍ୟାଲେଞ୍ଜ୍ ଦେଇଥିବା ହାତମାନେ, ତାଙ୍କର ପତଳା ଚେହେରା ପ୍ରଦର୍ଶନ କରି ପ୍ୟାରେଡ କରିବା ଭଙ୍ଗୀରେ ଚାଲିବାକୁ ଲାଗିଲେ ଏବଂ ଭିନ୍ନ ଭିନ୍ନ ଶୈଳୀରେ କାଠଖଣ୍ଡକୁ ଉଠେଇଲେ । ସେମାନେ ଦର୍ଶକ ଓ ପ୍ରଦର୍ଶକଙ୍କ ପ୍ରଶଂସା ପାଇବାପାଇଁ, କାଠଖଣ୍ଡକୁ ଜଙ୍ଗଲର ଅନେକ ଭିତରକୁ ଫିଙ୍ଗିଲେ । ସେମାନେ ଅନେକ ପ୍ରକାରର କୌଶଳ ପ୍ରଦର୍ଶନ କଲେ: ଭାତ ଥାଳିରୁ ସରୁ ଗୋଡି ବାହାରକଲେ, ଛୁଞ୍ଚିରେ ସୂତା ପୁରେଇଲେ, ବଡ ବଡ କାଠ ବୋହିବା ପାଇଁ ଛୋଟ ଛୋଟ ଚକ ତିଆରିକଲେ, ବର୍ଚ୍ଛା ତିଆରି କରି ଦୂରକୁ ଫିଙ୍ଗିଲେ, ସେମାନେ ଏମିତି ସବୁ କୌଶଳ ପ୍ରଦର୍ଶନ କଲେ ଯାହା ଗୋଡ ଆଙ୍ଗୁଠି କେବଳ ସ୍ୱପ୍ନରେ ହିଁ ଭାବିପାରିବେ । ଗୋଡମାନେ କେବଳ ସେଠି ବସି ସେମାନଙ୍କ ପତଳା ଭାଇମାନଙ୍କର ନିପୁଣତା ପ୍ରଦର୍ଶନକୁ ବିସ୍ମିତ ହୋଇ ଦେଖିଲେ । ସାଥୀ ହାତମାନଙ୍କର ପ୍ରଦର୍ଶନରେ ପ୍ରଶଂସା ମୁଖର ହୋଇ ଓ ସେମାନଙ୍କ ପ୍ରତି ସମର୍ଥନ ଜଣେଇ, ଦର୍ଶକମାନଙ୍କର ହାତମାନେ ଖୁବ ଜୋରରେ ତାଳି ମାରିଲେ ଯାହା ଗୋଡମାନଙ୍କୁ ବହୁତ ଖରାପ ଲାଗିଲା । କିନ୍ତୁ ଗୋଡମାନେ ଏତେ ଶୀଘ୍ର ହାର ମାନିବା ଅବସ୍ଥାରେ ନଥିଲେ: ଯଦିଓ ସେମାନେ ଉଦାସ ହୋଇ ବସିଥିଲେ ଓ ଗୋଡ ଆଙ୍ଗୁଠିମାନେ ବାଲି ଉପରେ ଅର୍ଥହୀନ ଭାବେ ଗାର ଟାଣୁଥିଲେ, ସେମାନେ ଜିତିବା ପାଇଁ ପର ଚ୍ୟାଲେଞ୍ଜ୍ ବିଷୟରେ ବିଚାର ମଧ୍ୟ କରୁଥିଲେ ।

ଶେଷରେ, ଗୋଡ ଓ ଗୋଡ ଆଙ୍ଗୁଠିମାନଙ୍କର ଚ୍ୟାଲେଞ୍ଜ୍ ଦେବାର ପାଳି ଆସିଲା । ସେମାନଙ୍କର ଚ୍ୟାଲେଞ୍ଜ୍ ଏକଦମ ସରଳ ବୋଲି ସେମାନେ କହିଲେ । ତାଙ୍କର ଚ୍ୟାଲେଞ୍ଜ୍ ଅନୁସାରେ ହାତମାନଙ୍କୁ ଶରୀରକୁ ଉଠେଇ ପଡିଆର ଏକ ପାଖରୁ ଅନ୍ୟ ପାଖକୁ ନେବାକୁ ହେବ। ଏ କି ପ୍ରକାରର ବେକାର ଚ୍ୟାଲେଞ୍ଜ୍ – ଗର୍ବୀ ହାତ ଆଙ୍ଗୁଠିମାନେ ଭାବିଲେ । ଏହି ଦୃଶ୍ୟ ଦେଖିବାର ଥିଲା । ଶରୀର ସଂପୂର୍ଣ୍ଣରୂପେ ଓଲଟା ଛିଡାହୋଇଥିଲା । ହାତ ଭୂଇଁକୁ ଛୁଇଁଥିଲେ; ଆଖି ଭୂଇଁର ପାଖାପାଖି, ଏତେ ପାଖାପାଖି ଯେ ଆଖିକୁ କିଛି ଦେଖାଯାଉନଥିଲା; ନାକ ଭିତରେ ଧୂଳି ପଶିଯାଉଥିଲା ଓ ଛିଙ୍କ ଆସୁଥିଲା; ଗୋଡ ଓ ଗୋଡ ଆଙ୍ଗୁଠି ଶୂନ୍ୟରେ ଲଟକିଥିଲେ: ୟାୟୋ ଜୁ, ଦର୍ଶକ ଚିତ୍କାରକଲେ ଏବଂ ଖୁସିରେ ଗାଇଲେ:

ୟାୟୋ ୟାୟୋ ଜୁ

ହାକୁନା ମଟାଟା

ଫୁଆଟା ୟାୟୋ

ହାକୁନା ମଟାଟା

ଟୁରୁକେନି ଆଙ୍ଗାନି

କିନ୍ତୁ ସେମାନଙ୍କର ଧ୍ୟାନ ଗୋଡ ଓ ହାତ ଉପରେ ସମ୍ପୂର୍ଣ୍ଣରୂପେ ସ୍ଥିର ଥିଲା । ଯେଉଁ ଅବୟବ କିଛି ସମୟ ପୂର୍ବରୁ ଅନେକ ପ୍ରକାରର କୌଶଳ ପ୍ରଦର୍ଶନ କରୁଥିଲେ, ଏବେ ଅତି କଷ୍ଟରେ ଦୁଇ ହାତ ଆଗକୁ ବଢିପାରିଲେ । କିଛି ପାହୁଣ୍ଡ ଚାଲିଲା ପରେ ହାତମାନେ ଯନ୍ତ୍ରଣାରେ କାନ୍ଦିବାକୁ ଲାଗିଲେ, ବାହୁ କମ୍ପିବାକୁ ଲାଗିଲା, ହାତ ଭାରସାମ୍ୟ ହରେଇଲେ ଏବଂ ଶରୀରକୁ ତଳେ ପଡିବାକୁ ଦେଲେ । ସେମାନେ କିଛି ସମୟ ବିଶ୍ରାମ ନେଲାପରେ ପୁଣି ଥରେ ଚେଷ୍ଟାକଲେ । ଭୂଇଁକୁ ଦୃଢଭାବେ ଧରିବାପାଇଁ ଏଥର ସେମାନେ ଆଙ୍ଗୁଠିସବୁକୁ ଖେଳେଇ ରଖିଲେ, କିନ୍ତୁ କେବଳ ବୁଢାଆଙ୍ଗୁଠିହିଁ ଖେଳେଇ ହୋଇ ରହିପାରିଲେ । ହାତମାନେ

ଶଗଡଚକ ବ୍ୟବହାର କରିବାକୁ ଚେଷ୍ଟାକଲେ, କିନ୍ତୁ ତାକୁ ତିଆରି କରିବାପାଇଁ ଯେହେତୁ ଗୋଡର ଅବଦାନ ଥିଲା, ସେଥିପାଇଁ ଶଗଡଚକ ବ୍ୟବହାରକୁ ଅଯୋଗ୍ୟ ଘୋଷଣା କରାଗଲା । ଏହା ଗୋଡ ଆଙ୍ଗୁଠିଙ୍କୁ ହସିବା ପାଇଁ ସୁଯୋଗ ଦେଲା । ହାତ ଆଙ୍ଗୁଠିମାନଙ୍କର ଚାପା ସ୍ୱରରେ ହସିବାର ଶୈଳୀଠୁ ନିଜର ଶୈଳୀକୁ ଅଲଗା ରଖିବା ପାଇଁ ଗୋଡ ଆଙ୍ଗୁଠି ପାଟି ନିକଟରୁ ଭାରୀ ସ୍ୱର ମାଗିଲେ । ସେମାନଙ୍କର ଉପହାସରେ ହାତ କ୍ରୋଧ ପ୍ରକାଶ କଲେ ଏବଂ ଶରୀରକୁ ବୋହିବାପାଇଁ ଆଉ ଏକ ପ୍ରୟାସ କଲେ । ହେଲେ ସେମାନେ ଗୋଟିଏ ପାହୁଣ୍ଡ ବି ଆଗକୁ ବଢି ପାରିଲେନି । ହାତ ଓ ଆଙ୍ଗୁଠି ସଂପୂର୍ଣ୍ଣ ରୂପେ ଥକାଣ ଅନୁଭବ କଲେ ଓ ବସିପଡିଲେ । ଗୋଡମାନେ ଖୁସିରେ ସେମାନଙ୍କର କୌଶଳ ପ୍ରଦର୍ଶନ ଆରମ୍ଭ କରିଦେଲେ: ସେମାନେ ଶରୀରକୁ ଥରଟିଏ ବି ତଳେ ନପକାଇ ଦୁଲୁକି ଚାଲିଲେ, ପୁଣି ଦୌଡିଲେ, ତାପରେ କିଛି ଉଚ୍ଚ ଡିଆଁ ଓ କିଛି ଲମ୍ବ ଡିଆଁ ପ୍ରଦର୍ଶନକଲେ । ସେମାନଙ୍କ ପ୍ରତି ସମର୍ଥନ ଜଣାଇ ଦର୍ଶକମାନଙ୍କର ପାଦମାନେ ଭୂଇଁରେ କୁଦିବାକୁ ଆରମ୍ଭକଲେ । ଏହାକୁ ଅନୁଚିତ ପ୍ରଦର୍ଶନ କହି ବାହୁ ସେମାନଙ୍କର ହାତ ଉପରକୁ ଉଠାଇଲେ, କିନ୍ତୁ ସେମାନେ ସହଜରେ ଭୁଲିଗଲେ ଯେ ସେମାନେ ହିଁ ଏହାକୁ ଆରମ୍ଭ କରିଥିଲେ ।

ଦର୍ଶକଙ୍କ ସମେତ, ସମସ୍ତେ ହାତ ବିଷୟରେ କିଛି ଆଶ୍ଚର୍ଯ୍ୟଜନକ କଥା ଲକ୍ଷ୍ୟ କଲେ: ଯେତେବେଳେ ହାତମାନେ ଶରୀରକୁ ବୋହିବାକୁ ଚେଷ୍ଟା କରୁଥିଲେ ଏବଂ ବୁଢା ଆଙ୍ଗୁଠି ଖେଳେଇ ରହିଥିଲେ, ସେମାନେ ସେହି ଭାବରେ ଅନ୍ୟ ଆଙ୍ଗୁଠିମାନଙ୍କଠାରୁ ଅଲଗା ରହିଗଲେ । ପ୍ରତିଦ୍ୱନ୍ଦୀ ଅବୟବମାନେ ପୁଣିଥରେ ହସିବାକୁ ଆରମ୍ଭ କରୁ କରୁ ଯାହା ଦେଖିଲେ ସେମାନଙ୍କର ହସ ବନ୍ଦ ହୋଇଗଲା, ବୁଢା ଆଙ୍ଗୁଠିମାନଙ୍କର ଅନ୍ୟ ଆଙ୍ଗୁଠି ମାନଙ୍କଠୁ ଦୂରେଇ ରହିବା ହାତର କାର୍ଯ୍ୟକ୍ଷମତାକୁ କମ କରିବା ବଦଳରେ ଏହା କୌଣସି ଜିନିଷକୁ ଧରିବାର ଦୃଢତାକୁ ବଢେଇଦେଲା । ଏ କଣ? କୁରୂପତା ରୂପାନ୍ତରିତ ହେଲା ରୂପଦେବାର ଶକ୍ତିରେ !

ପ୍ରତିଯୋଗିତାର ଫଳାଫଳ ନେଇ ଅବୟବ ମାନଙ୍କ ମଧ୍ୟରେ ପାଞ୍ଚ ଦିନ ଧରି ଚର୍ଚ୍ଚା ଚାଲିଲା, ଯାହା ପ୍ରତି ଅଙ୍ଗରେ ଥିବା ଆଙ୍ଗୁଠିର ସଂଖ୍ୟା ସହିତ ସମାନ ଥିଲା। ସେମାନଙ୍କର ବହୁ ଚେଷ୍ଟା ସତ୍ତ୍ୱେ ମଧ୍ୟ କାହାକୁ ବିଜୟୀ ବୋଲି ଘୋଷଣା କରିବେ, ଏ ନେଇ କିଛି ନିଷ୍ପତ୍ତି ହୋଇ ପାରିଲା ନାହିଁ ଯେହେତୁ ନିଜ ନିଜର କାମରେ ପାରଙ୍ଗମ ହେଲେହେଁ ଜଣେ ଅବୟବ ଅନ୍ୟର ବିନା ସାହାଯ୍ୟରେ ସମ୍ପୂର୍ଣ୍ଣ କାମ କରିପାରିଲାନାହିଁ । ସେଇଠାରୁ ଏକ ଦାର୍ଶନିକ ତତ୍ତ୍ୱକୁ ନେଇ ତର୍କ ଆରମ୍ଭହେଲା: ଶରୀର କଣ? – ପଚାରିଲେ ସମସ୍ତେ, ଏବଂ ଅନୁଭବ କଲେ ଯେ ସେମାନଙ୍କୁ ଏକତ୍ର ଭାବରେହିଁ ଶରୀର କୁହାଯିବ; ସେମାନେ ପରସ୍ପରର ପରିପୂରକ । ସାମଗ୍ରିକ କାମ ଠିକ ଭାବେ ହେବାପାଇଁ ପ୍ରତ୍ୟେକ ଅବୟବକୁ ଠିକ ଭାବେ କାମ କରିବାକୁ ହେବ ।

କିନ୍ତୁ ଏଭଳି ପ୍ରତିଯୋଗିତାକୁ ଭବିଷ୍ୟତରେ ରୋକିବାପାଇଁ ଏବଂ ପରସ୍ପରର କାମରେ ଦଖଲ ନଦେବାପାଇଁ, ସମସ୍ତ ଅବୟବ ମିଳିମିଶି ସ୍ଥିର କଲେ ଯେ ଶରୀର ସିଧା ହୋଇ ଚାଲିବା ଉଚିତ, ପାଦ ଭୂଇଁ ଉପରେ ଦୃଢ ଭାବରେ ରହିବ ଓ ହାତ ଉପରେ, ଶୂନ୍ୟରେ ଝୁଲିବ । ଶରୀର ଏହି ନିର୍ଣ୍ଣୟକୁ ସ୍ୱାଗତ କଲା କିନ୍ତୁ ସେମାନଙ୍କର ମୂଳରୂପକୁ ନଭୁଲିବାପାଇଁ ଶିଶୁମାନଙ୍କୁ କିଛି ମାସ ହାତ ଓ ଗୋଡ ବ୍ୟବହାର କରି ଚାଲିବାକୁ ଅନୁମତି ଦିଆଗଲା । ସେମାନେ କାମ ବାଣ୍ଟିନେଲେ: ଗୋଡ ଶରୀରକୁ ଗୋଟିଏ ଯାଗାରୁ ଅନ୍ୟ ଯାଗାକୁ ବୋହିବ, ପହଁଚିଲା ପରେ ହାତ ଅନ୍ୟ ସବୁ କାମ କରିବ ଯେଉଁଥିରେ ହତିଆର ତଥା ଯନ୍ତ୍ରପାତି ଆଦି ତିଆରି କରିବାକୁ ହେବ ଅଥବା ବ୍ୟବହାର କରିବାକୁ ହେବ । ଯେତେବେଳେ ଗୋଡ ଓ ପାଦ ଶରୀରକୁ ବୋହିବାର ଭାରୀ କାର୍ଯ୍ୟ କଲେ, ହାତ ଚାରି ପାଖ ପହଞ୍ଚି ନିଜର କୌଶଳ ପ୍ରଦର୍ଶନ ପୂର୍ବକ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ସହିତ ଖାଦ୍ୟକୁ ପାଟି ପର୍ଯ୍ୟନ୍ତ ପହଁଚେଇଲା । ପାଟି ନିଜର ଦାନ୍ତମାନଙ୍କ ସହାୟତାରେ ଖାଦ୍ୟ ଚୋବେଇ ତଣ୍ଟି ଦେଇ ପାକସ୍ଥଳୀକୁ ପଠେଇଲେ । ପାକସ୍ଥଳୀ ଏହାର ସମସ୍ତ ଭଲ ଗୁଣକୁ ଚୁପୁଡିଲା ଓ କେନାଲ ପ୍ରକ୍ରିୟାରେ ଛାଡିଲା ଯାହା ମାଧ୍ୟମରେ ଭଲଗୁଣ ଶରୀରର ପ୍ରତ୍ୟେକ ଅଂଶରେ ପହଁଚିପାରିଲା । ତାପରେ ପାକସ୍ଥଳୀ ଅବଶିଷ୍ଟାଂଶକୁ ମଳପ୍ରବାହ ପ୍ରକ୍ରିୟାରେ ଛାଡିଲା, ଶରୀର ତାକୁ ନେଇ ଖୋଲା ପଡିଆରେ ଛାଡିଲା ଅଥବା ମାଟି ଭିତରେ ପୋତିଲା ଯାହା ମାଟିକୁ ଉର୍ବର କଲା । ସେଇ ଉର୍ବରତାକୁ ନେଇ ଗଛ ବଡ ହେଲେ, ଫଳିଲେ; ହାତ ସେଇ ଫଳକୁ ତୋଳିଲେ ଏବଂ ପାଟିକୁ ଦେଲେ । ହଁ, ଏହାକୁ ଜୀବନବୃତ୍ତ କୁହାଗଲା ।

ଏପରିକି ଖେଳ ଓ ମନୋରଞ୍ଜନ ମଧ୍ୟ ଭାଗ ଭାଗ ହୋଇଗଲେ: ଗୀତ ଗାଇବା, କଥା ହେବା, ହସିବା ଆଦି ପାଟିକୁ ଛାଡି ଦିଆଗଲା; ଫୁଟବଲ ଓ ଦୌଡ ମୂଖ୍ୟତଃ ଗୋଡ ଭାଗରେ ପଡିଲା; ବାସ୍କେଟବଲ ଓ ବେସ୍‌ବଲ ହାତ ପାଇଁ ଆରକ୍ଷିତ ରହିଲା ଯେଉଁଥିରେ ଗୋଡକୁ ଦୌଡିବାକୁ ପଡିଲା; ଖେଳକୁଦ ସମୟରେ ଗୋଡ ଅଧିନରେ ସମସ୍ତ କ୍ଷେତ୍ର ରହିଲା । ଏପରିକି ବିଶାଳ ପଶୁମାନଙ୍କର ଚତୁରତାକୁ ପଛରେ ପକାଇ ଶ୍ରମର ସ୍ୱଷ୍ଟ ବିଭାଜନ ଯୋଗୁ ପରିମାପ ଓ ଗୁଣବତ୍ତାକୁ ନେଇ ଶରୀର ଯାହା ହାସଲକଲା, ସେ ଏକ ଦୁର୍ଜୟ ଜୈବ ଯନ୍ତ୍ରରେ ପରିଣତ ହେଲା ।

ଏହା ସତ୍ତ୍ୱେ ଶରୀରର ସମସ୍ତ ଅବୟବ ବୁଝିପାରିଲେ ଯେ ସେମାନେ ଯେଉଁ ସ୍ଥାୟୀ ବ୍ୟବସ୍ଥାରେ ପହଁଚିଛନ୍ତି, ତାହା ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ । ଯେହେତୁ ମୁଣ୍ଡ ଶରୀରର ଉପର ଭାଗରେ ରହୁଛି, ସେ ହୁଏତ ନିଜକୁ ଭୂଇଁରେ ଚାଲୁଥିବା ପାଦ ଅପେକ୍ଷା ଶ୍ରେଷ୍ଠ ଭାବିପାରେ ଅଥବା ସେ ନିଜକୁ ମାଲିକ ଓ ତଳେ ରହୁଥିବା ଅନ୍ୟ ସମସ୍ତ ଅବୟବଙ୍କୁ ନିଜର ଚାକର ଭାବିପାରେ । ସମସ୍ତେ ଜୋର ଦେଇ କହିଲେ ଯେ ପ୍ରାଧିକାର ଦୃଷ୍ଟିରୁ ମୁଣ୍ଡ ତଥା ନିମ୍ନ ଭାଗର ଅବୟବମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଏହି ଯୁକ୍ତିକୁ ଦୃଢ କରିବାକୁ ଯାଇ ଅବୟବମାନେ ନିଶ୍ଚିତ କଲେ ଯେ ଖୁସି ଓ ପୀଡା ଯେ କୌଣସି ଅବୟବରେ ହେଲେ ମଧ୍ୟ ତାକୁ ସମସ୍ତେ ସମାନ ଭାବରେ ଅନୁଭବ କରିବେ । ସେମାନେ ପାଟିକୁ ଚେତାବନୀ ଦେଲେ ଯେ ସେ ଯେତେବେଳେ ମୋର ୟେ ମୋର ସେ କହୁଛି, ତାର ଅର୍ଥ ସମଗ୍ର ଶରୀରର ବୋଲି ବୁଝିବାକୁ ହେବ, ତା ନିଜର ନୁହେଁ ।

ସେମାନେ ଗାଇଲେ:
ଆମ ଶରୀରରେ
କେହି ଚାକର ନୁହନ୍ତି
ଆମ ଶରୀରରେ
କେହି ଚାକର ନୁହନ୍ତି
ଆମେ ପରସ୍ପରର ସେବକ
ଆମପାଇଁ ଆମେ
ଆମେ ପରସ୍ପରର ସେବକ
ଆମପାଇଁ ଆମେ
ଆମେ ପରସ୍ପରର ସେବକ
ଜିଭ ଆମର ସମ୍ମିଳୀତ ସ୍ୱର
ତୁମେ ମୋତେ ଧର ଓ ମୁଁ ତୁମକୁ ଧରେ
ଆମେ ଗଢୁ ସ୍ୱସ୍ଥ ଶରୀର
ତୁମେ ମୋତେ ଧର ଓ ମୁଁ ତୁମକୁ ଧରେ
ଆମେ ଗଢୁ ସ୍ୱସ୍ଥ ଶରୀର
ସୌନ୍ଦର୍ଯ୍ୟ ହିଁ ଏକତା
ଆମେ ମିଳିମିଶି କାମ କରୁ
ଗୋଟିଏ ସ୍ୱସ୍ଥ ଶରୀର ପାଇଁ
ଆମେ ମିଳିମିଶି କାମ କରୁ
ଗୋଟିଏ ସ୍ୱସ୍ଥ ଶରୀର ପାଇଁ
ଏକତା ହିଁ ଆମର ଶକ୍ତି ।

ଏହି ଗୀତ ହେଲା "ସମଗ୍ର ଶରୀର ସଂଗୀତ" । ଶରୀର ଏହାକୁ ଆଜି ପର୍ଯ୍ୟନ୍ତ ଗାଉଛି ଏବଂ ଏହା ମନୁଷ୍ୟ ଓ ପଶୁ ତଥା ଯେଉଁମାନେ ଉର୍ଦ୍ଧ୍ୱମୂଖୀ କ୍ରାନ୍ତିକୁ ଅସ୍ୱୀକାର କରୁଛନ୍ତି, ସେମାନଙ୍କ ମଧ୍ୟରେ ଥିବା ପ୍ରଭେଦ ବିଷୟରେ କହୁଛି ।

ଏ ସବୁ ଦେଖିବା ସତ୍ତ୍ୱେ ମଧ୍ୟ ଚତୁସ୍ପଦ ପ୍ରାଣୀ ଏପରି କ୍ରାନ୍ତି ଆଣି ପାରିଲେନାହିଁ । ସେମାନଙ୍କର ଗୀତ ଗାଇବାର ଶୈଳୀ ହାସ୍ୟାସ୍ପଦ । ସେମାନଙ୍କର ପାଟି କେବଳ ଖାଇବାପାଇଁ ସୃଷ୍ଟି, ଗୀତ ଗାଇବାପାଇଁ ନୁହେଁ । ସେମାନେ ପ୍ରକୃତିର ରକ୍ଷଣଶୀଳ ଦଳ ଗଠନକଲେ ଏବଂ ସେମାନଙ୍କର କେବେବି ନବଦଳିବାର ସ୍ୱଭାବରେ ଅଟକିରହିଲେ ।

ଯେତେବେଳେ ମଣିଷମାନେ ତାଙ୍କର ଅବୟବମାନଙ୍କଠାରୁ ଶିଖିଲେ, ସେମାନେ ଉନ୍ନତି କଲେ; କିନ୍ତୁ ସେମାନେ ଯେତେବେଳେ ଜଣେ ଜଣଙ୍କଠୁ ଶ୍ରେଷ୍ଠ ହେବାର ପ୍ରଚେଷ୍ଟାରେ ଦେହ ଓ ମୁଣ୍ଡକୁ କଳହରେ ଲିପ୍ତ ହେବାର ଦେଖିଲେ, ସେମାନେ ସେମାନଙ୍କର ଉର୍ଦ୍ଧ୍ୱମୂଖୀ କ୍ରାନ୍ତିକୁ ଅସ୍ୱୀକାର କରୁଥିବା ଚତୁସ୍ପଦ ଭାଇ ମାନଙ୍କର ନିକଟତର ହେଲେ ।

---



**Satya Pattanaik writes poetry in Odia and translates World literature into Odia language. He edits Odia journal 'Pratishruti' from USA to propagate Odia literature in North America. He is into Information Technology profession and based in Dublin, Ohio, USA. He can be reached at satyapatnaik11@gmail.com. Odia is a language spoken by 40 million people in eastern state of Odisha in India. After Information Technology revolution, many Odias have been migrating to different parts of the world.**